## ସଂକ୍ଷେପରେ

### ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ତାଳଚେର,୨୪।୮(ନି.ପ୍ର.)- ତାଳଚେର ବ୍ଲକ ସୋଲଡା ଗ୍ରାମର ରତ୍ନାକର ସାହୁ (୫୬)ଙ୍କ ମୃତଦେହ ଶୁକ୍ରବାର ଗୋପାଳପ୍ରସାଦ ଫାଣ୍ଡି ପୋଲିସ ଗ୍ରାମ ନିକଟସ୍ଥ ଜମିରୁ ଉଦ୍ଧାର କରିଛି। ଗୁରୁବାର ସନ୍ଧ୍ୟାରେ ସେ ଗୋରୁ ଖୋଜିବାକୁ ବିଲ ଆଡକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିବା ପରେ ରାତି ୧୧ଟାରେ ତାଙ୍କ ମୃତଦେହ ଏକ ବିଲ ଭିତରେ ପଡିଥିବା ଦେଖିବାକୁ ପାଇଥିଲେ। ଗୋଟିଏ ଆଖିରେ ଗଭୀର କ୍ଷତ ଚିହ୍ନ ଥିବାରୁ ବାପାଙ୍କୁ ହତ୍ୟା କରାଯାଇଥିବା ପୁଅ ହରେଶ ଚନ୍ଦ୍ର ସାହୁ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ କଲିଆରୀ ଥାନାରେ ନମ୍ବର ୨୩୭/୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଠିକା ଶ୍ରମିକ ମୃତ

ତାଳଚେର,୨୪।୮(ନି.ପ୍ର.)- ଏମ୍‌ସିଏଲ୍‌ର ଏଠାରେ ଥିବା ଭରତପୁର କୋଇଲା ଖଣିରେ ବିଦ୍ୟୁତ୍ ଆଘାତରେ ଜଣେ ଠିକା ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ତାଙ୍କ ନାମ ସନଥ୍ ଚରଣ ବାରିକ ଓ ଘର ତାଳଚେର ବ୍ଲକ ରାକଶ ବାହାଳ। ବିଦ୍ୟୁତ୍ ଖୁଣ୍ଟରେ ଚଢି ସେ ମରାମତି କାମ କରୁଥିବା ବେଳେ ଆଘାତ ପାଇ ତଳେ ପଡି ଯାଇଥିଲେ। ତୁରନ୍ତ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ସହ କ୍ଷତିପୂରଣ ଯୋଗାଇ ଦେବା ଦାବିରେ ଠିକାଶ୍ରମିକମାନେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଅଟକ ରଖିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କଲିୟାରୀ ପୋଲିସ, ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ସ୍ତ୍ରୀଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ହାତୀ ଉପଦ୍ରବ, ଫସଲ ନଷ୍ଟ



ବନ୍ତଲା, ୨୪।୮ (ଡି.ଏନ.ଏ.)- ଅନୁଗୋଳ ରେଞ୍ଜ ରନ୍ତଲେଇ ପଞ୍ଚାୟତର ଚନ୍ଦ୍ରବାହାଲ ଓ ମୁଷାପାପୁଲି ଗ୍ରାମରେ ଗୁରୁବାର ରାତିରେ ୭ରୁ ୮ଟି ହାତୀ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏବେ ହାତୀପଲ ମନ୍ଦରଗିରି ଜଙ୍ଗଲରେ ଥିବା ଜଣାପଡ଼ିଛି। ହାତୀ ଉପଦ୍ରବ ଯୋଗୁ ରଥ ରାଉତଙ୍କ ୧୦ ଗୁଣ୍ଠ, ତଅଁଲୁ ରାଉତଙ୍କ ୪ ଗୁଣ୍ଠ, ସନାତନ ଦାସଙ୍କ ୧୬ ଗୁଣ୍ଠ, ଚୈତନ୍ୟ ଦାସଙ୍କ ୮ ଗୁଣ୍ଠ, ରବୀନ୍ଦ୍ର ଦାସଙ୍କ ୬ ଗୁଣ୍ଠ, ଭୀମସେନ ରାଉତଙ୍କ ୮ ଗୁଣ୍ଠ ସହ ଗ୍ରାମର ୫୦ରୁ ଅଧିକ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଛି।

■ପୋଲିସ ଅପାରଗତାର ପ୍ରତିବାଦ

# ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲେ ମହିଳା

ଅନୁଗୋଳ ଅଫିସ, ୨୪।୮




ବଳାତ୍କାର ଉଦ୍ୟମ କରିଥିବା ଜଣେ ଅଭିଯୁକ୍ତଙ୍କୁ ଧରିବାରେ ଅନୁଗୋଳ ପୋଲିସର ଅପାରଗତାକୁ ନେଇ ଶୁକ୍ରବାର ଭାରତ ମହିଳା ସାଂସ୍କୃତିକ ସଙ୍ଗଠନ ଅଙ୍କୁରା ଗ୍ରାମ କମିଟି ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ମହିଳାମାନେ ଧାରଣାରେ ବସିଥିଲେ। ପରେ ଅତିରିକ୍ତ ଏସ୍‌ପି ଯଦୁନାଥ ହାସଁଦା ଦାବିପତ୍ର ଗ୍ରହଣ କରିବା ସହ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ।

ଅଙ୍କୁରା ଅଞ୍ଚଳର ଶହ ଶହ ମହିଳା ଷ୍ଟାଡିୟମ ଠାରୁ ଶୋଭାଯାତ୍ରାରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଭିନ୍ନ ନାରା ବାଜି ଦେଇଥିଲେ। ନାରୀମାନଙ୍କୁ ସୁରକ୍ଷା ସହ ଅଞ୍ଚଳରେ ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଥିଲେ। ସମ୍ପୃକ୍ତ ବଳାତ୍କାର ଅଭିଯୁକ୍ତ ଖୁଲମଖୁଲା ବୁଲୁଥିବା ବେଳେ ପୋଲିସର ଅପାରଗତା ଯୋଗୁ ଏହି ଧାରଣା ଦିଆଯାଇଥିବା ସଙ୍ଗଠନ ସଭାପତି ମନ୍ଦୋଦରୀ ରାଉଳ କହିଥିଲେ। ସେହିପରି ଅଞ୍ଚଳର ଯୁବକମାନେ ମଦ୍ୟପାନ ଯୋଗୁ ଅବାଟରେ ଯାଉଥିବା ସେମାନେ ଅଭିଯୋଗ କରିଥିଲେ। ସଙ୍ଗଠନର ଅଙ୍କୁରା ଗ୍ରାମ କମିଟି ସଭାନେତ୍ରୀ ଚମ୍ପା ବିଶ୍ୱାଳ, ସମ୍ପାଦିକା ନୟନା ସାହୁ, ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ସଙ୍ଗଠିକା ସରୋଜିନୀ ନାୟକ, ପ୍ରମିଳା ପଣ୍ଡା, ପ୍ରତିମା ବେହେରା, ପ୍ରଗତିବାଳା ନାୟକଙ୍କ ସମେତ ନିର୍ମଳ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ନଖିଆ ନାୟକ ଗତ ୧୫ ତାରିଖରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ଗତ ୧୬ ତାରିଖରେ ଅଭିଯୋଗ ହୋଇଥିଲା।

**ଅଭିଯୁକ୍ତଙ୍କ ପୁତୁରାଙ୍କୁ ଉଠାଇ ନେବାରୁ ଅସନ୍ତୋଷ**

ବଳାତ୍କାର ଉଦ୍ୟମ କରିଥିବା ଅଭିଯୁକ୍ତ ନଖିଆ ନାଏକଙ୍କ ପୁତୁରାଙ୍କୁ ଅନୁଗୋଳ ପୋଲିସ ଗତ ଦୁଇ ଦିନ ତଳେ ଉଠାଇ ନେଇଥିଲା। ଶୁକ୍ରବାର ଅଭିଯୁକ୍ତ ନିଜେ ଧରାଦେବା ପରେ ପୋଲିସ ତାଙ୍କ ପୁତୁରାଙ୍କୁ ଛାଡ଼ି ଦେଇଥିଲେ ବି ଏହାକୁ ନେଇ ଅଙ୍କୁରା ଗ୍ରାମରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ପୋଲିସ ପକ୍ଷରୁ ସଫେଇ ଦିଆଯାଇଛି ଯେ, ଅଭିଯୁକ୍ତଙ୍କୁ ଖୋଜାଖୋଜି କରି ନ ପାଇବାରୁ ତାଙ୍କ ସମ୍ପର୍କୀୟଙ୍କୁ ଅଟକ ରଖାଯାଇ ପଚରା ଉଚରା କରାଯାଉଥିଲା।

ଅପରପକ୍ଷରେ ଏହି ଆନ୍ଦୋଳନ ପରେ ସମ୍ପୃକ୍ତ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

■ଭାଜପା କାଉନସିଲରଙ୍କ ଅଭିଯୋଗ

# ଆଇନ ପାଳନ କରୁନାହାନ୍ତି ପୌର କର୍ତ୍ତୃପକ୍ଷ

ତାଳଚେର,୨୪।୮(ନି.ପ୍ର.)

ତାଳଚେର ପୌରପରିଷଦର ପରିଷଦ କ୍ଷମତା ଆସନ୍ତା ମାସରେ ଶେଷ ହେଉଥିବା ବେଳେ ନିର୍ବାହୀ ଅଧିକାରୀ ଓ ନଗରପାଳ ଆଇନ୍‌କୁ ବେଖାତିର କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଭାଜପା କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲାପାଳ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଗୌରୀ ନାଏକଙ୍କୁ ପ୍ରଦାନ କରାଯାଇଛି। ଭାଜପା କାଉନସିଲରମାନେ ଅଭିଯୋଗ କରିଛନ୍ତି ଯେ, ପୌର ଆଇନ୍ ୧୦୪ ଅନୁଯାୟୀ ଆର୍ଥିକ ବର୍ଷ ଶେଷହେବାର ୨ମାସ ପୂର୍ବରୁ ବାର୍ଷିକ ବଜେଟ ଉପସ୍ଥାପନ କରି ପରିଷଦ ବୈଠକରେ ଆଲୋଚନା ଏବଂ ଗୃହୀତ ହୋଇ ରାଜ୍ୟସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବା କଥା। କିନ୍ତୁ ପୌର କର୍ତ୍ତୃପକ୍ଷ ଚଳିତମାସ ସୁଦ୍ଧା ବଜେଟ ଉପସ୍ଥାପନ ନ କରି ବେଆଇନ ଭାବେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ୨୦୧୭-୧୮ ବଜେଟର ନକଲ ମଧ କାଉନସିଲରମାନଙ୍କୁ ମିଳି ନାହିଁ। ପ୍ରତିମାସରେ ନିୟମିତ ସାଧାରଣ ବୈଠକ ନ କରି ୫/୬ ମାସରେ ଥରେ କରାଯାଉଛି। କାଉନସିଲ ସରିବାକୁ ମାତ୍ର ୨୬ ଦିନ ବାକି ରହିଛି। ଏପରିସ୍ଥଳେ ପରିଷଦ କର୍ତ୍ତୃପକ୍ଷ ପରିମଳ, ଡେଙ୍ଗୁ ପ୍ରତି ଧ୍ୟାନ ନ ଦେଇ ମନଇଚ୍ଛା କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଣୁ ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାଉନସିଲର ବାଲ୍ମୀକି ପ୍ରସାଦ କେଶରୀ, ପ୍ରକାଶ ମହାରଣା, ଜୟନ୍ତ ଭୂତିଆ, କବିତା ବେହେରା, ଜିତେନ୍ଦ୍ର କୁମାର ଦାସ, ଜ୍ଞାନେନ୍ଦ୍ରିୟ ସେଠୀ ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ପୌର ଅଧିକାରୀ ଅତସି ପରିଡ଼ା କହିଛନ୍ତି, ବଜେଟ ମିଟିଂ ନଗରପାଳ ଡାକିଥାନ୍ତି। ମିଟିଂ ଡାକିବାକୁ ନଗରପାଳଙ୍କୁ ଅନୁରୋଧ କରାଯାଇଛି। କିନ୍ତୁ ସେ ଦିନଧାର୍ଯ୍ୟ କରି ନ ଥିବାରୁ ବୈଠକ ବସି ପାରିନାହିଁ।

# ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ଅଭିଯୋଗ

ପାଲଲହଡ଼ା, ୨୪।୮(ଡି.ଏନ.ଏ.)

ପାଲଲହଡା ବ୍ଲକ ବାଲିପଶି ପଞ୍ଚାୟତର କଲୋପଶି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ହେଉଥିବା ଅଭିଯୋଗ ହୋଇଛି। ଅଧିକ ସଂଖ୍ୟାରେ ପିଲାଙ୍କ ଉପସ୍ଥାନ ଦର୍ଶାଇ ଚାଉଳ ହେରଫେର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୩ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ୨ ଜଣ ଶିକ୍ଷକ ଏବଂ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ସ୍କୁଲରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଲୁ କିଷାନ ପ୍ରତିଦିନ ଉପସ୍ଥାନଠାରୁ ୧୦ ରୁ ୧୨ ଜଣ ଛାତ୍ରୀଛାତ୍ରୀଙ୍କ ନାମରେ ଅଧିକ ମଧ୍ୟାହ୍ନ ଭୋଜନ ପକାଇ ସେହି ଟଙ୍କା ଏବଂ ଚାଉଳକୁ ହଡପ କରୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ମଧ ଚାଉଳ ହେରଫେର ହୋଇଥିବା ନେଇ ରାଜ୍ୟ ସରକାରଙ୍କ ମଧ୍ୟାହ୍ନ ଭୋଜନ ପୋର୍ଟାଲରେ ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟରେ ଶୁକ୍ରବାର ୫୧ ଛାତ୍ରୀଛାତ୍ର ଉପସ୍ଥିତ ଥବାବେଳେ ମଧ୍ୟାହ୍ନଭୋଜନ ପୋର୍ଟାଲରେ ୬୧ ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପଡିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ପ୍ରଥମେ କହିଥିଲେ ଯେ, ପିଲା ଆସିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ବାହାରକୁ ଯାଇଛନ୍ତି। ହେଲେ ପରେ ସେ ଅଧିକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଦର୍ଶାଇଥିବା କଥାକୁ ସ୍ୱୀକାର କରିବା ସହ ବିଦ୍ୟାଳୟକୁ ଠିକ୍ ପରିମାଣରେ ଚାଉଳ ଆସୁ ନ ଥିବାରୁ ବାଧ୍ୟ ହୋଇ ଏପରି କରୁଛୁ ବୋଲି ପ୍ରକାଶ କରିଥିଲେ। ଏ ନେଇ ବ୍ଲକ ମଧ୍ୟାହ୍ନ ଭୋଜନ ନୋଡାଲ ଅଫିସର ଶୈଳେନ୍ଦ୍ର ସିଂ କହିଛନ୍ତି, ସମସ୍ତ ସ୍କୁଲକୁ ଠିକ୍ ପରିମାଣର ଚାଉଳ ଯାଉଛି। ଯଦି କୌଣସି ଶିକ୍ଷକ ଏମିତି କରିଥିବେ ତେବେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ବିଦ୍ୟାଳୟଟି ବହୁ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ମାତ୍ର ୨ ଟି ଶ୍ରେଣୀଗୃହ ଥିବାରୁ ପ୍ରଥମରୁ ତୃତୀୟ ପର୍ଯ୍ୟନ୍ତ ପିଲାମାନେ ଗୋଟିଏରେ ଏବଂ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଅନ୍ୟ ଶ୍ରେଣୀଗୃହରେ ବସି ପାଠ ପଢୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବାକୁ ସାଧାରଣରେ ଦାବି ହୋଇଛି।

DSPL-135

ଜାତୀୟ ଚକ୍ଷୁଦାନ ପକ୍ଷ
୨୫ ଅଗଷ୍ଟ - ୮ ସେପ୍ଟେମ୍ବର, ୨୦୧୮

ଚକ୍ଷୁଦାନ ସମ୍ପର୍କରେ ଜାଣିବା କଥା
- କୌଣସି ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କରାଯାଇପାରିବ ।
- ଚକ୍ଷୁଦାନ ସମ୍ମତିପତ୍ର ସ୍ୱାକ୍ଷରିତ ହୋଇନଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ଲିଖିତ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇପାରିବ ।
- ମୃତ୍ୟୁ ପରେ ଯଥାଶୀଘ୍ର ନିକଟସ୍ଥ ଚକ୍ଷୁଭଣ୍ଡାର (EYE BANK) ସହ ଯୋଗାଯୋଗ କରି ଚକ୍ଷୁଦାନ କରାଇପାରିବେ ।

ଆମ ରାଜ୍ୟରେ ଥିବା ଚକ୍ଷୁବ୍ୟାଙ୍କ:
- ଏସ୍.ସି.ବି. ମେଡିକାଲ୍ କଲେଜ, କଟକ
- ଏମ୍.କେ.ସି.ଜି. ମେଡିକାଲ୍ କଲେଜ, ବ୍ରହ୍ମପୁର
- ଭି.ଏସ୍.ଏସ୍. ମେଡିକାଲ୍ କଲେଜ, ବୁର୍ଲା
- ଦୃଷ୍ଟିଦାନ, ଆଇ.ଜି.ଏଚ୍. ରାଉରକେଲା
- ଦୃଷ୍ଟିଦାନ, ଏଲ୍.ଭି. ପ୍ରସାଦ୍ ଆଇ ହସ୍ପିଟାଲ, ଭୁବନେଶ୍ୱର
- ସମ୍ ହସ୍ପିଟାଲ, ଭୁବନେଶ୍ୱର

ଅଧିକ ଜାଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଉପଖଣ୍ଡ ଚିକିତ୍ସାଳୟ (ଚକ୍ଷୁ ବିଭାଗ) ସହ ଯୋଗାଯୋଗ କରନ୍ତୁ ।

10003/13/0075/1819

ଆସନ୍ତୁ, ଚକ୍ଷୁଦାନ ପରି ଏକ ମହତ କାର୍ଯ୍ୟରେ ସାମିଲ୍ ହୋଇ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସୁନ୍ଦର ଦୁନିଆ ଉପଭୋଗ କରାଇବାରେ ସହାୟକ ହେବା ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# କୁକୁର କାମୁଡ଼ାରେ ୨ ଶିଶୁ ଗୁରୁତର

ଛେଣ୍ଡିପଦା,୨୪।୮(ସ୍ୱ.ପ୍ର./ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ନତଡା ପଞ୍ଚାୟତ ଆମ୍ବପାଳ ଗ୍ରାମର ୨ ଶିଶୁ ଶୁକ୍ରବାର କୁକୁର କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉମା ବେହେରାଙ୍କ ପୁଅ ଜଗନ୍ନାଥ ବେହେରା(୩) ଓ ବଟକୃଷ୍ଣ ସେଠୀଙ୍କ ପୁଅ ରାକେଶ ସେଠୀ(୪)। ଶିଶୁ ଦ୍ୱୟ ଘର ପାଖରେ ଖେଳୁଥିବା ବେଳେ ଏକ କୁକୁର କାମୁଡି ଦେଇଥିଲା। ଉଭୟଙ୍କୁ ପରିବାର ଲୋକେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜଗନ୍ନାଥଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ଖବରପାଇ ଜିଲା ଭାଜପା ସମ୍ପାଦକ ବିଜୟ କୁମାର ମାଝି, କୁକୁଡ଼ାଙ୍ଗ ମଣ୍ଡଳ ସଭାପତି ପ୍ରବୀର ଭୂତିଆ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ତେବେ ସରକାରଙ୍କ ପକ୍ଷରୁ ଉଭୟଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚୋରି ସାମଗ୍ରୀ ଉଦ୍ଧାର, ୨ ଗିରଫ

ବଇଣ୍ଡା,୨୪।୮(ଡି.ଏନ.ଏ.)

ଠାକୁରଗଡ଼ ଥାନା ମିଣ୍ଡୋଳ ଗ୍ରାମର ଧରଣୀ ସାହୁ ଓ ମଙ୍ଗୁଲୁ ସେଠୀଙ୍କ ଘରୁ ଶୁକ୍ରବାର ଠାକୁରଗଡ଼ ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଏଥିସହିତ ଉଭୟଙ୍କୁ ଗିରଫ କରିଛି। ପୋଲିସ କହିଛି, ଉଭୟେ ମିଶି ମିଣ୍ଡୋଳ ନିକଟରେ ଥିବା ପାୱାର କିଟ୍ ଟାୱାରରୁ ଆଙ୍ଗେଲ, ରଶି, ଆଲୁମିନିୟମ ତାର ଚୋରି କରିଥିଲେ। ଏ ନେଇ ସୁପରଭାଇଜର ଚିନ୍ମୟ ସାହୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଘରେ ଚଢାଉ କରି ୧୦ କୁଇଣ୍ଟାଲ ଆଙ୍ଗେଲ ସହ ରଶି ଓ ଆଲୁମିନିୟମ ତାର ଜବତ କରିଛି। ସେମାନଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି।

# ଅଚଳ ଘେରରେ ମୁଖ୍ୟାଳୟ

ଅନୁଗୋଳ ଅଫିସ,୨୪।୮



■୪ ମାସ ହେଲା କାମ କରୁନି ୱାଟର କୁଲର

■ସହାୟତା କେନ୍ଦ୍ରରେ ନାହାନ୍ତି କେହି ସହାୟକ

■ମରାମତି ସତ୍ତ୍ୱେ ବାରମ୍ବାର ହେଉଛି ଲିଫ୍ଟ ଅଚଳ

ଜିଲାର ମୁଖ୍ୟ କାର୍ଯ୍ୟାଳୟ। ମାଳ ମାଳ ହେଉଛନ୍ତି ଅଫିସର, କର୍ମଚାରୀ। ବିଭାଗୀୟ ଅଧିକାରୀମାନଙ୍କ ସହ ନିଜେ ଜିଲାପାଳ ବି ଏଠାରେ ବସୁଛନ୍ତି ଘଣ୍ଟା ଘଣ୍ଟା। ହେଲେ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ମିଳୁନି ସର୍ବନିମ୍ନ ସୁବିଧା। ପାଣିଠାରୁ ଆରମ୍ଭ କରି ଲିଫ୍ଟ, ସହାୟତା କେନ୍ଦ୍ର ଯାଏ ସବୁକିଛି ଏକପ୍ରକାର ଅଚଳପ୍ରାୟ। ଦିନେ କି ସପ୍ତାହେ ନୁହେଁ, ମାସ ମାସ ଧରି ଏପରି ଅବ୍ୟବସ୍ଥା ଲାଗି ରହିଥିଲେ ମଧ ଏହାର ସମାଧାନ କରାଯାଉ ନାହିଁ। ଏହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଆସୁଥିବା ଅଭିଯୋଗକାରୀ। ଜିଲା ମୁଖିଆଙ୍କ କାର୍ଯ୍ୟାଳୟର ଯଦି ଏପରି ଅବସ୍ଥା, ତା'ହେଲେ ବ୍ଲକ ଓ ପଞ୍ଚାୟତସ୍ତରରେ ଥିବା ଅନ୍ୟ ସରକାରୀ କାର୍ଯ୍ୟାଳୟରେ କିପରି ବ୍ୟବସ୍ଥା ଥିବ ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

କେତେଜଣ ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୪ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ମୁଖ୍ୟାଳୟ ଦୂରକୁ ବେଶ୍ ସୁନ୍ଦର ଦିଶୁଛି। ହେଲେ ଭିତରକୁ ଗଲେ ଗୋଟିଏ ପରେ ଗୋଟିଏ ସମସ୍ୟା ସାମ୍ନାକୁ ଆସୁଛି। ଜିଲାର ସବୁଠାରୁ ବଡ଼ କାର୍ଯ୍ୟାଳୟ ହୋଇଥିଲେ ବି ଏଠାରେ ପାନୀୟ ଜଳ ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ଦୈନିକ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଶହ ଶହ ଲୋକଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ ରେଡ୍‌କ୍ରସ ପାଣ୍ଠିରେ ଏକ ୱାଟର କୁଲର ଲଗାଯାଇଥିଲା। ନିଜେ ଜିଲାପାଳ ଅନିଲ କୁମାର ସାମଲ ଏହାର ଉଦ୍‌ଘାଟନ କରିଥିଲେ। କିନ୍ତୁ ୩ରୁ ୪ ମାସ ହେବ ତାହା ଅଚଳ ହୋଇପଡ଼ିଛି। ଫଳରେ ଅଭିଯୋଗକାରୀମାନଙ୍କ ସହ କର୍ମଚାରୀମାନେ ମଧ ପାଣି ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଲ୍‌ଡିଂରେ ଲାଗିଥିବା ଲିଫ୍ଟ ଅଧା ସମୟ ଅଚଳ ରହୁଛି। ବାରମ୍ବାର ଏହାର ମରାମତି କରାଯାଉଥିଲେ ବି କେତେବେଳେ ଏହା ଅଧାରେ ଅଟକି ଯାଉଛି ତ ପୁଣି କେବେ ଡୋର୍ ଖୋଲୁନାହିଁ। ଅତୀତରେ ଅନେକ ଥର ଅଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଝୁଲି ରହିଥିବାରୁ ଏଥିରେ କର୍ମଚାରୀମାନେ ଉପରତଳ ହେବାକୁ ଭୟ କରୁଛନ୍ତି। ଏହାଛଡ଼ା ଏହି କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଲିଫ୍ଟ ଅଚଳ ଜାଣିବା ପରେ ସିଡିରେ ଚଢ଼ିଯିବାକୁ ବାଧ୍ୟ ହେଉଛନ୍ତି। ଜଣେ କର୍ମଚାରୀ କହିଛନ୍ତି, ସିଡିରେ ଉପର ମହଲାରେ ଥିବା କାର୍ଯ୍ୟାଳୟକୁ ଗଲେ ଶୀଘ୍ର ପହଞ୍ଚି ଯିବି। କିନ୍ତୁ ଲିଫ୍ଟରେ ଗଲେ କେତେବେଳେ ପହଞ୍ଚିବି ତାହା କହି ହେବନି। କେବଳ ଏତିକି ନୁହେଁ, ଅପହଞ୍ଚ ଗ୍ରାମରୁ ଆସୁଥିବା ଲୋକଙ୍କୁ ସହାୟତା ପାଇଁ କାର୍ଯ୍ୟାଳୟରେ ରହିଛି ସହାୟତା କେନ୍ଦ୍ର ବା ହେଲ୍ପ ଡେସ୍କ। କିନ୍ତୁ ଏଠାରେ ସହାୟତା ପାଇଁ କେହି ନାହାନ୍ତି। ଦୀର୍ଘ ସମୟ ଧରି ଲୋକେ ଏଠାରେ ଅପେକ୍ଷା କରି ଶେଷରେ ନିଜେ ପଚରାଉଚରା କରି ଯାହା କିଛି କାର୍ଯ୍ୟ କରୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଜିଲାପାଳଙ୍କ ଏହି କାର୍ଯ୍ୟାଳୟ ବାହାରେ ଥୁଆ ଯାଉଥିବା ବାଇକ୍ ସୁରକ୍ଷିତ ନୁହେଁ। କାରଣ ଅନେକ ସମୟରେ ଏଠାରୁ ଗାଡ଼ି ଚୋରି ହେଉଥିବା ଥାନାରେ ଅଭିଯୋଗ ହେଉଛି। ଏହାକୁ ନେଇ ଅଭିଯୋଗକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୂରଦୂରାନ୍ତରୁ ଆସୁଥିବା ଲୋକେ ସମ୍ମୁଖୀନ ହେଉଥିବା ଏହି ସମସ୍ୟାର ସମାଧାନ ପାଇଁ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ଏପରି ଘଟୁଛି ବୋଲି କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ଲିଫ୍ଟ ମରାମତି କରାଯାଉଛି।




ଅଚଳ ହୋଇପଡ଼ିଥିବା ୱାଟର କୁଲର।

Raksha Bandhan Dhamaka Offer
Galaxy S8
ଫୁଲ୍ ଟଚ୍ ସ୍କ୍ରିନ୍ ସ୍ମାର୍ଟ ଫୋନ୍
ଡୁଆଲ ସିମ୍ ଇଣ୍ଟରନେଟ୍ ସହିତ
ପ୍ରଡକ୍ଟ କୋଡ୍ 286




- ଆଣ୍ଡ୍ରଏଡ୍ ମେନୁ
- ଏଚ୍‌ଡି କ୍ୟାମେରା
- ଅଧିକ ଗେମ୍ସ
- ଅଧିକ ଆପ୍ଲିକେଶନ୍
- ଇଣ୍ଟରନେଟ୍
- 32ଜିବି ଏକ୍ସପାଣ୍ଡେବଲ୍ ମେମୋରି

ଲମ୍ବା ବ୍ୟାଟେରି ବ୍ୟାକ୍‌ଅପ୍
ଏଚ୍‌ଡି କ୍ୟାମେରା
78% ରିହାତି
~~₹ 10,500/-~~
₹2,199/- ମାତ୍ର
ଶିପିଂ ଚାର୍ଜ 349/- ଅତିରିକ୍ତ*
Play Store
FREE
ଟ.୬୨୨/- ମୂଲ୍ୟର
5 ଇନ୍ 1 ଚାର୍ଜର୍
Paytm
BRAND!!! BIG HOME
ପ୍ୟାକେଜ୍‌ରେ ଅନ୍ତର୍ଭୁକ୍ତ : ମୋବାଇଲ, ଚାର୍ଜର, ଇୟରଫୋନ୍, ବ୍ୟାଟେରି, ମାନୁଆଲ୍ |୬ ମାସର ୱାରେଣ୍ଟି| * नियम और शर्तें लागू
BEST OFFER
ଅର୍ଡର କରନ୍ତୁ
08655500085/08655503399
HOME delivery
Cash On Delivery
ଅର୍ଡର କରିବା ପୂର୍ବରୁ ନିଜର ଡାକ ଠିକଣା ଓ ପିନ୍ କୋଡ୍ ପ୍ରସ୍ତୁତ କରି ରଖନ୍ତୁ | କଲ୍ ସମୟ: – 8 am ରୁ 7 pm
ଅଭିଯୋଗ ପାଇଁ କଲ୍ କରନ୍ତୁ 07045249162 (ସକାଳ 10.30 amରୁ 5 pm) | For Any Query :- qscustomerservice14@gmail.com

## ଆଜି କ'ଣ କେଉଁଠି

■ **ଢେଙ୍କାନାଳ**
ଶ୍ରଦ୍ଧାଞ୍ଜଳି ସଭା
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍
ସମୟ: ପୂର୍ବାହ୍ନ ୧୧ଟା।

■ **ଛେଣ୍ଡିପଦା**
ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା
ସ୍ଥାନ-ଛେଣ୍ଡିପଦା ଶିଶୁ ମନ୍ଦିର
ସମୟ- ପୂର୍ବାହ୍ନ ୧୦ଟା

■ **ମାଧପୁର**
ସଂକୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା
ସ୍ଥାନ - ମାଧପୁର ଶିଶୁମନ୍ଦିର
ସମୟ- ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ପ୍ରକାଶ ଜିତିଲେ ୩ ପଦକ




ଅନୁଗୋଳ ଅଫିସ, ୨୪।୮
ଅନୁଗୋଳ ଜିଲା କଣିହାଁ ବ୍ଲକ ବିରୁ ଗ୍ରାମର ପ୍ରକାଶ ଗଡ଼ନାୟକ ବିଦେଶରେ ସଫଳ ହୋଇଛନ୍ତି। ଗତ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ କଲମ୍ବୋ ଠାରେ ଇଣ୍ଡିଆନ୍ ମାଷ୍ଟର୍ସ ଆଥ୍‌ଲେଟିକ୍ସ ସଂଘ ପକ୍ଷରୁ ଅନୁଷ୍ଠିତ ଆନ୍ତର୍ଜାତିକସ୍ତରୀୟ ଆଥ୍‌ଲେଟିକ୍ସ ମିଟ୍‌ରେ ସେ ୩ଟି ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେ ୧୦୦, ୨୦୦ ମିଟର ଦୌଡ଼ ସହ ଲମ୍ବଡ଼ିଆଁରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହ ୨୦୧୯ ଏପ୍ରିଲରେ ମାଲେସିଆ ଠାରେ ହେବାକୁ ଥିବା ଏସିଆନ୍ ମିଟ୍ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଇଣ୍ଡିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ ସଂଘ ତରଫରୁ ଦେଶରୁ ମୋଟ ୭ ଜଣ ପ୍ରତିଯୋଗୀ କଲମ୍ବୋ ଠାରେ ଆନ୍ତର୍ଜାତିକ ଆଥ୍‌ଲେଟିକ୍ସ ମିଟ୍‌ରେ ଭାଗନେଇଥିଲେ। ଏଥିରେ ଭାରତ ସମୁଦାୟ ୧୧ଟି ପଦକ ହାସଲ କରିଛି। ଓଡ଼ିଶାରୁ ପ୍ରକାଶ ଗଡ଼ନାୟକ ୩ଟି ପଦକ ଜିତିଥିବାବେଳେ ବରଗଡ଼ ଜିଲାର ସନ୍ତୋଷ ପ୍ରଧାନ ୩ଟି ପଦକ ହାସଲ କରି ରାଜ୍ୟ ତଥା ଦେଶର ଗୌରବ ଅର୍ଜନ କରିଛନ୍ତି।

### ୨୦୦ ଲିଟର ଦେଶୀ ମଦ ଜବତ

ବଅଁରପାଳ, ୨୪।୮(ଡି.ଏନ.ଏ.)- ବଅଁରପାଳ ଥାନା ଅନ୍ତର୍ଗତ ଗୋତମରା ଓଭରବ୍ରିଜ ନିକଟରୁ ଶୁକ୍ରବାର ଅପରାହ୍ନରେ ୨୦୦ ଲିଟର ଦେଶୀ ମଦ ଜବତ ହୋଇଛି। ଏକ ପିକ୍‌ଅପ ଭ୍ୟାନରେ ମଦ ଯାଉଥିବା ଖବରପାଇ ପୋଲିସ ପିଛା କରିଥିଲା। ମଦ ସହ ଭ୍ୟାନକୁ ଜବତ କରାଯାଇ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି।

### ୨ ରୋଡ୍ ରୋମିଓ ଗିରଫ

ତାଳଚେର, ୨୪।୮(ନି.ପ୍ର.)- ତାଳଚେର ପୋଲିସ ୨ଜଣ ରୋଡ୍ ରୋମିଓଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାରିଗରପଡାର ଚିଣ୍ଟୁ ଓରଫ ସଂଗ୍ରାମ ସାହୁ ଓ ବଳିଆ ଓରଫ ସାଗର ଭୃତିଆ। ଏହି ୨ଜଣ ଯୁବକ ପ୍ରତିଦିନ ହାଇସ୍କୁଲ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା, ଫଟୋ ଉଠାଇବା, ଗାଳିଗୁଲଜ ଆଦି କରୁଥିଲେ। ଏକ ଶିକ୍ଷାନୁଷ୍ଠାନ ଅଧକ୍ଷଙ୍କ ଅଭିଯୋଗ କ୍ରମେ ପୋଲିସ ନମ୍ବର ୨୨୯/୧୮ରେ ଏକ ମାମଲା ରୁଜୁ କରିବା ସହ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ରେଳ ଧାରଣାରୁ ମୃତଦେହ ଉଦ୍ଧାର

ବଇଣ୍ଡା, ୨୪।୮(ଡି.ଏନ.ଏ.)- ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା କଦଳୀମୁଣ୍ଡା ଲେଭଲ କ୍ରସିଂ ନିକଟରୁ ଶୁକ୍ରବାର ହଣ୍ଡପା ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ପୋଲିସ ମୃତଦେହ ଅନୁଗୋଳ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ସହ ନଂ. ୯/୧୮ରେ ମାମଲା ରୁଜୁ କରିଛି।

## ■ ୩ ଦଫା ଦାବିରେ ଠିକା ଶ୍ରମିକଙ୍କ ଆନ୍ଦୋଳନ

# ତାଳଚେର କୋଲ୍ ଫିଲଡ୍‌ସ କାର୍ଯ୍ୟ ଠପ୍

ତାଳଚେର, ୨୪।୮(ନି.ପ୍ର.)



ଠିକା ଶ୍ରମିକମାନେ ଖଣି ମଧ୍ୟରେ ବସିରହି ଆନ୍ଦୋଳନ ଚଳାଇଛନ୍ତି।

୩ ଦଫା ଦାବି ନେଇ ମହାନଦୀ କୋଲ୍ ଫିଲଡସ କଣ୍ଟ୍ରାକଚୁଆଲ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍ ନେତୃତ୍ୱରେ ଠିକାଶ୍ରମିକମାନେ ଶୁକ୍ରବାର ଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହାଦ୍ୱାରା ସମଗ୍ର କୋଲ୍ ଫିଲଡସରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏମ୍‌ସିଏଲ୍‌ର ଏଠାରେ ଥିବା ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ ଓ କଣିହାଁ ସମେତ ୮ଗୋଟି ଖଣିରେ କାର୍ଯ୍ୟ ଠପ୍ ହୋଇଯାଇଛି। ପରିବହନ ବନ୍ଦ ହୋଇଯାଇଥିବାରୁ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଛି।

ଏମ୍‌ସିଏଲ୍‌ର ଏଠାରେ ଥିବା ସମସ୍ତ କୋଇଲା ଖଣିରେ ଉତ୍ତୋଳନ ଓ ପରିବହନ କାମ ପ୍ରାୟତଃ ଠିକାଶ୍ରମିକମାନଙ୍କ ଦ୍ୱାରା କରାଯାଇଥାଏ। କିନ୍ତୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସଂଘ ନେତୃତ୍ୱରେ ଠିକାଶ୍ରମିକମାନେ ମଜୁରି ବୃଦ୍ଧି, ସିଏମ୍‌ପିଏଫ୍ ସ୍ଲିପ ପ୍ରଦାନ, ୨୦୧୩ରେ ୩ ଓ ୪ନମ୍ବର ରେଲୱେ ସାଇଡିଙ୍ଗରେ କାମ କରୁଥିବା ୧୩୧ ଶ୍ରମିକଙ୍କୁ ପୁନଃନିଯୁକ୍ତି, ଥଇଥାନ କରାଯିବା ଦାବିରେ ଖଣିଗୁଡିକର ବିଭିନ୍ନ ସ୍ଥାନରେ ବସିରହି ଆନ୍ଦୋଳନ ଚଳାଇଥିବାରୁ ସମଗ୍ର କୋଲଫିଲଡ୍‌ସ ଅଚଳ ହୋଇପଡିଛି। ଏଠାରେ ଦୈନିକ ୧ଲକ୍ଷ ୬୦ ହଜାର ଟନ୍ କୋଇଲା ଉତ୍ତୋଳନ ହୋଇଥାଏ ଓ ସମ ପରିମାଣର କୋଇଲା ପରିବହନ ହୋଇଥାଏ । ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଏମ୍‌ସିଏଲ୍‌ର କୋଟି କୋଟି ଟଙ୍କା କ୍ଷତି ହେବା ସହ ରାଜ୍ୟ ସରକାରଙ୍କୁ ମଧ୍ୟ ବିପୁଳ ରାଜସ୍ୱ ହରାଇବାକୁ ପଡିବ। ତେବେ ଆନ୍ଦୋଳନକୁ ଦୃଷ୍ଟିରୁ ଖଣିଗୁଡ଼ିକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ମୋ ବୁଥ୍ ଓ ମୋ ଗୌରବ କାର୍ଯ୍ୟକ୍ରମ ଶୁଭାରମ୍ଭ

ଅନୁଗୋଳ ଅଫିସ, ୨୪।୮

ରାଜ୍ୟ ପ୍ରଦେଶ କଂଗ୍ରେସର ଆହ୍ୱାନ କ୍ରମେ ଅନୁଗୋଳ ଜିଲାର ୨୮ ଗୋଟି ଜୋନ୍ କମିଟିକୁ ନେଇ ଏକ ବୈଠକ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋ ବୁଥ୍ ଓ ମୋ ଗୌରବ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇ ବୁଥ୍‌ସ୍ତରରେ ସଙ୍ଗଠନକୁ ମଜ୍‌ଭୁତ କରିବାକୁ ସଂକଳ୍ପ ନିଆଇଥିବା ଜିଲା କଂଗ୍ରେସ ସଭାପତି ବିପ୍ଲବ ଜେନା ସୂଚନା ଦେଇଛନ୍ତି। ବୈଠକରେ କଂଗ୍ରେସର ୨୦୦ରୁ ଅଧିକ କାର୍ଯ୍ୟକର୍ତ୍ତା ଏବଂ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପରିଣାମଦର୍ଶୀ ଶାସନକୁ ଲୋକଲୋଚନକୁ ଆଣିବାକୁ ସଭାପତି ଜେନା ଏବଂ ବରିଷ୍ଠ ନେତୃମଣ୍ଡଳୀ ଜୋନ୍ କମିଟିକୁ ପରାମର୍ଶ ଦେଇଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା, ଜିଲା କୃଷକ ନେତା ଉମେଶ ସାହୁ, ପ୍ରଦେଶ କଂଗ୍ରେସ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ଲୋକ ସଭା ଯୁବ କଂଗ୍ରେସ ସଭାପତି ସୁବ୍ରତ ଗଡ଼ନାୟକ ଉପସ୍ଥିତ ଥିଲେ।

## ଆଇନ ସମ୍ପର୍କରେ ସମସ୍ତେ ସଚେତନ ହୁଅନ୍ତୁ

ଅନୁଗୋଳ ଅଫିସ, ୨୪।୮



କର୍ମଶାଳାକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ସମ୍ପ୍ରତି ସମାଜରେ ମହିଳା ଓ ଶିଶୁମାନଙ୍କ ଉପରେ ବଢୁଥିବା ହିଂସାକୁ ପ୍ରତିରୋଧ କରିବା ନିମନ୍ତେ ଶୁକ୍ରବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ଏହାକୁ ଉଦ୍‌ଘାଟନ କରି ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି ବୋଲି ପ୍ରକାଶ କରିଥିଲେ।

ଜିଲାପାଳ କହିଥିଲେ, ସମାଜରେ ଘଟୁଥିବା ବିଭିନ୍ନ ହିଂସାକୁ ପ୍ରତିରୋଧ କରିବା ନିମନ୍ତେ ଆଇନ ରହିଛି। ଏହାର ଠିକ୍ କାର୍ଯ୍ୟକାରିତା ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ। କର୍ମଜୀବୀ ମହିଳାମାନେ ଶୋଷଣ ଓ ନିର୍ଯାତନାର ଶିକାର ହେଉଥିଲେ ସେମାନେ ସ୍ଥାନୀୟ କମିଟି ବା ଜିଲାସ୍ତରରେ ଗଠିତ କମିଟିର ସାହାଯ୍ୟ ନେଇପାରିବେ। ଆଇନକୁ କଡ଼ାକଡ଼ି ଭାବେ ପାଳନ କରି ସମାଜରେ ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ହିଂସାକୁ ପ୍ରତିରୋଧ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଲିଗାଲ ପ୍ରୋବେସନ ଅଫିସର ପ୍ରଦୀପ କୁମାର ନାୟକ ବିଭିନ୍ନ ନିର୍ଯାତନା ସମ୍ପର୍କରେ କହିଥିବା ବେଳେ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ଏ ନେଇ ଥିବା ଆଇନ ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ଡିଏସ୍‌ପି ଉମେଶ କୁମାର ପଣ୍ଡା, ଅନୁଗୋଳ, ଛେଣ୍ଡିପଦା, ଆଠମଲ୍ଲିକ, କିଶୋରନଗର ଥାନାର ମହିଳା ଓ ଶିଶୁ ଡେସ୍କର କର୍ମକର୍ତ୍ତା, ସିଡିପିଓ, ସୁପରଭାଇଜର, ଅଙ୍ଗନାୱାଡ଼ି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଆଇସିଡିଏସ୍‌ର ପ୍ରୋଟେକ୍‌ସନ ଅଫିସର ପୌର୍ଣ୍ଣମାସୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଲାଡ଼ ମହିମା ଟୁଙ୍ଗିରେ ନବାହ୍ନ ଉତ୍ସବ



ବଅଁରପାଳ, ୨୪।୮(ଡି.ଏନ.ଏ.)

ବଅଁରପାଳ ବ୍ଲକ କୁଲାଡ଼ ମହିମା ଟୁଙ୍ଗିରେ ଶୁକ୍ରବାରଠାରୁ ନବାହ୍ନ ଉତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ମନ୍ଦିରରେ ଧୁନି ସ୍ଥାପନ ଓ ଅଖଣ୍ଡ ବତି ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ଏକ ଖଞ୍ଜଣି ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବନ୍ଦା, ଖଲି ବେରଣୀ, ଅଙ୍ଗାର ବନ୍ଧ ସମେତ ଆଖପାଖ ଅଞ୍ଚଳରୁ ବହୁ ମହିମା ଧର୍ମୀ ଭକ୍ତ ଯୋଗ ଦେଇଥିଲେ। ଶନିବାର ନୂତନ ଧାନରେ ପ୍ରସ୍ତୁତ ଅମୁଣିଆ ଶୂନ୍ୟ ପ୍ରଭୁଙ୍କ ଠାରେ ଅର୍ପଣ କରାଯିବ। ବୈଷ୍ଣବ ବାବା, ରବି ବାବା, ସନକ ବାବା ପ୍ରମୁଖ ଦୀପ ପ୍ରଜ୍ୱଳନ କରିଥିଲେ। କୁଲାଡ଼ ମହିମା ସମାଜର ପ୍ରେମାନନ୍ଦ ସେଠ, କରୁଣାକର ସେଠ, ପରେଶ ଚନ୍ଦ୍ର ଜେନା, ଭୂତେଶ ଚନ୍ଦ୍ର ଜେନ, ବୈରାଗୀ ସେଠ, ପ୍ରଣବ ଜେନା, ରାଜେଶ ଜେନା, ବାମଦେବ ସେଠ, ଗୁରୁ ଚରଣ ସେଠ, ପୃଥ୍ୱୀରାଜ ଜେନାଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ।

## ହାତୀ ଉପଦ୍ରବ, ଲୋକେ ଆତଙ୍କିତ

ବଇଣ୍ଡା, ୨୪।୮(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଧୁଣ୍ଡି, ପାର୍ବତୀପୁର, ବଡ଼ହୁଲା ଆଦି ଗ୍ରାମ ଗୁଡ଼ିକରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ଯୋଗୁ ଧାନ ଫସଲ, ମକା ଓ ପନିପରିବା ଚାଷଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ନିକଟସ୍ଥ ଜଙ୍ଗଲରୁ ପ୍ରତିଦିନ ହାତୀ ଗ୍ରାମାଭିମୁଖୀ ହୋଇ ତାଣ୍ଡବ ଚଳାଇଛନ୍ତି। ୫ରୁ ୬ଟି ହାତୀ ଏକ ସଙ୍ଗେ ଗ୍ରାମକୁ ଆସି କ୍ଷୟକ୍ଷତି କରୁଛନ୍ତି। ଧୁଣ୍ଡି ଗ୍ରାମର ଭୀଷ୍ମକୁମାର ସାହୁ, ଶରତ ବିଶ୍ୱାଳ, ହରି ପ୍ରଧାନ, ଲିଙ୍ଗରାଜ ବିଶ୍ୱାଳ, ଭଗବାନ ସାହୁ, ଛବି ସାହୁ, ଶ୍ରୀକାନ୍ତ ପ୍ରଧାନଙ୍କ ଧାନ ଚାଷ ନଷ୍ଟ କରିଛନ୍ତି। ଏ ନେଇ ବନବିଭାଗକୁ ଗ୍ରାମବାସୀ ସୂଚନା ଦେଇଥିଲେ ମଧ୍ୟ ହାତୀ ଘଉଡ଼ାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି ହୋଇଛି।

## ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା, ୨୪।୮(ଡି.ଏନ.ଏ.)- ଠାକୁରଗଡ଼ ପୋଲିସ ବରହ୍ମ ଗ୍ରାମରେ ଗୁରୁବାର ରାତିରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ସୁଶାନ୍ତ ଭୋଇଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ଥାନାରେ ମାମଲା ଥିବାବେଳେ ସେ ଦୀର୍ଘଦିନ ହେଲା ଫେରାର ଥିଲେ। ଶୁକ୍ରବାର ତାଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

## ସରପଞ୍ଚଙ୍କ ସମସ୍ୟା ଉପରେ ଆଲୋଚନା

ଛେଣ୍ଡିପଦା, ୨୪।୮(ଡି.ଏନ.ଏ.)



ଛେଣ୍ଡିପଦା ବ୍ଲକ ସରପଞ୍ଚ ମହାସଂଘର ଏକ ବୈଠକ ଶୁକ୍ରବାର ସ୍ଥାନୀୟ ପଞ୍ଚାୟତ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରସାହି ସରପଞ୍ଚ ତଥା ମହାସଂଘ ସଭାପତି ବିଜୟ କୁମାର ଗଡନାୟକଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ସରକାରୀ ଏବଂ ପ୍ରଶାସନିକସ୍ତରରେ ଥିବା ସରପଞ୍ଚମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଜିଲା ଖଣିଜ ପାଣ୍ଠିରୁ ସମସ୍ତ ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟ, ମୌଳିକ ସମସ୍ୟାର ପ୍ରତିକାର ପାଇଁ ଏକ ଟିମ୍ ଅନୁଗୋଳ ଜିଲାପାଳଙ୍କୁ ସାକ୍ଷାତ କରି ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା ପାଇଁ ଦାବି କରିବେ ବୋଲି ସ୍ଥିର ହୋଇଛି। ଆସନ୍ତା ୨୯ ତାରିଖରେ ରାଜ୍ୟସ୍ତରୀୟ ସରପଞ୍ଚ ମହାସଂଘ ସମ୍ମିଳନୀରେ ବ୍ଲକର ସମସ୍ତ ସରପଞ୍ଚ ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସମ୍ପାଦକ ତଥା କୋରଡା ସରପଞ୍ଚ ଅନୀଲ ବିହାରୀ ମାଝୀ, ପାତ୍ରପଡାର ଯୋଗେଶ୍ୱର ସାହୁ, ପରାର ଶ୍ରୀକାନ୍ତ ପ୍ରଧାନ, ବାଲିପଟାର ରାକେଶ କୁମାର ପ୍ରଧାନ, ଜେରଙ୍ଗର ବିଭୂତି ଭୂଷଣ ଗଡନାୟକଙ୍କ ସମେତ ୩୪ଟି ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିଲେ।

## ଜଙ୍ଗଲ ଅଧିକାର ବିବାଦ: ବୈଠକ ବିଫଳ

ଛେଣ୍ଡିପଦା, ୨୪।୮(ଡି.ଏନ.ଏ./ସ୍ୱ.ପ୍ର.)

ଜଙ୍ଗଲ ଜମି ଅଧିକାରୀ ଓ ବନ ସୁରକ୍ଷା ସମିତି ଗଠନକୁ ନେଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ଓ ବିଜପଦା ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ଶୁକ୍ରବାର ବସିଥିବା ସମାଧାନ ବୈଠକ ବିଫଳ ହୋଇଛି। ବ୍ଲକ ସଭାଗୃହରେ ସ୍ଥାନୀୟ ପ୍ରଶାସନ ତଥା ଛେଣ୍ଡିପଦା ଜଙ୍ଗଲ ବିଭାଗ ପକ୍ଷରୁ ଏ ନେଇ ଏକ ଜରୁରୀ ବୈଠକ ଡକାଯାଇଥିଲେ ମଧ୍ୟ ଏଥିରେ ବିଜପଦା ଗ୍ରାମବାସୀ ଯୋଗ ନ ଦେବାରୁ ବୈଠକ ସଫଳ ହୋଇପାରି ନ ଥିବା ଜଣାପଡିଛି।

ବିଭାଗ ସୂତ୍ରରୁ ପ୍ରକାଶ ଯେ, ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ ପାଟକୁମୁଣ୍ଡା ଏବଂ ବିଜାପଦା ଗ୍ରାମ ମଧ୍ୟ ସୀମାନ୍ତରେ ଥିବା ଏକ ଜଙ୍ଗଲ ଅଧିକାର ସାବ୍ୟସ୍ତ ନେଇ ୩/୪ ବର୍ଷ ହେବ ଉଭୟ ଗାଁ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଖାତା ନଂ ୨୫୦ ପ୍ଲଟ ନଂ ୨୬୧ରେ ଥିବା ଜଙ୍ଗଲକୁ ନେଇ ବନ ସଂରକ୍ଷଣ କମିଟି ଗଠନ ନିମନ୍ତେ ଟୁନା ସାହୁ ନାମକ ଜଣେ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାର ସମାଧାନ ପାଇଁ ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଡକାଯାଇଥିଲା। ହେଲେ ଏଥିରେ କେବଳ ପାଟକୁମୁଣ୍ଡା ଗ୍ରାମବାସୀ ଯୋଗ ଦେଇଥିଲେ। ବିଜାପଦା ଗ୍ରାମବାସୀଙ୍କ ଅନୁପସ୍ଥିତି ଯୋଗୁ ସମାଧାନର ରାସ୍ତା ବାହାରିପାରି ନ ଥିବା ଜଣାଯାଇଛି। ବୈଠକରେ ଏସିଏଫ ବାସୁଦେବ ନାୟକ, ଅତିରିକ୍ତ ତହସିଲଦାର ବବିତା ମିଶ୍ର, ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ସମେତ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ। ସ୍ଥାୟୀ ସମାଧାନ ନ ହେବା ଯାଏ ସ୍ଥିତାବସ୍ଥା ବଜାୟ ରଖିଥିବା ସହ ଜଙ୍ଗଲ ମଧ୍ୟକୁ ପ୍ରବେଶ ନ କରିବା, ଜଙ୍ଗଲର କୌଣସି କ୍ଷତି ନ ଘଟାଇବା, ଜଙ୍ଗଲକୁ ସୁରକ୍ଷା ଦେବା, ବିଭାଗକୁ ସହଯୋଗ କରିବା ଏବଂ ଉଭୟ ଗ୍ରାମବାସୀ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ନାଲ୍‌କୋ କାର୍ଯ୍ୟାଳୟ ଘେରାଉ



ବଅଁରପାଳ, ୨୪।୮(ଡି.ଏନ.ଏ.)

ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଶୁକ୍ରବାର ଆଲୁମିନିୟମ ମଜଦୁର ସଙ୍ଘ ତରଫରୁ ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସଙ୍ଘର ସଭାପତି ରମେଶ ଚନ୍ଦ୍ର ବେହେରା ଓ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ସାମିଲ ହୋଇ ଏହି ଘେରାଉ କରିଥିଲେ। କୋଇଲା ସମସ୍ୟା ସମାଧାନ ଓ କର୍ମଚାରୀଙ୍କୁ ଛୁଟି ମଞ୍ଜୁର କରାଯିବା ଆଦି ନେଇ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଗୋପାଲ କୃଷ୍ଣ ମାଲିକ, ସଚ୍ଚିଦାନନ୍ଦ ଗଡ଼ନାୟକ, ଦୀପକ ସାମଲ, ନେହେରୁ ସାମଲ, ପରମାନନ୍ଦ ବେହେରା, ଖଗେଶ୍ୱର ଭୁତିଆ ପ୍ରମୁଖ ଯୋଗ ଦେଇଥିଲେ।

## ନିଯୁକ୍ତି ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ

ବଅଁରପାଳ, ୨୪।୮(ଡି.ଏନ.ଏ.)

ନାଲକୋ ଥାନା ଅନ୍ତର୍ଗତ ସିପିପି ନିକଟରେ ରହୁଥିବା ଘନଶ୍ୟାମ ବାରିକଙ୍କ ପୁଅ ଦେବାଶିଷ ବାରିକଙ୍କୁ ନକଲି ନିଯୁକ୍ତି ପତ୍ର ଦେଇ ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ନାଲ୍‌କୋ ଅଞ୍ଚଳରେ ଥିବା ଏକ ସଂସ୍ଥାର ମୁଖ୍ୟ ଦେବାଶିଷଙ୍କୁ ଏକ କ୍ଲର୍କ ପୋଷ୍ଟରେ ରଖାଇଦେବାକୁ କହି ଟଙ୍କା ନେଇଥିଲେ। ସ୍ଥାନୀୟ ଅଞ୍ଚଳର ୨ ଜଣ ଯୁବକ ମଧ୍ୟ ଉକ୍ତ ସଂସ୍ଥାକୁ ସହାୟତା କରୁଥିଲେ। ଏପରିକି ଦେବାଶିଷଙ୍କୁ ଏକ ନକଲି ନିଯୁକ୍ତି ପତ୍ର ମଧ୍ୟ ଦିଆଯାଇଥିଲା। ତେବେ ଚାକିରି ନ ମିଳିବାରୁ ବହୁଥର ଘନଶ୍ୟାମ ଟଙ୍କା ମାଗିବା ସତ୍ତ୍ୱେ ନିରାଶ ହୋଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନୂଆଖେତାରେ ମହାବଳ, କଟରଙ୍ଗରେ ଅଛି ସୁନ୍ଦରୀ

ବନ୍ତଳା, ୨୪।୮(ଡି.ଏନ.ଏ.)



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଏବେ ବାଘ-ବାଘୁଣୀକୁ ନେଇ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର କାହ୍ନାରୁ ଆସିଥିବା ମହାବଳ ବନ୍ତଳା ରେଞ୍ଜ ନୂଆଖେତା ରିଜର୍ଭ ଜଙ୍ଗଲ ମଧ୍ୟରେ ଥିବା ବେଳେ ବାଘୁଣୀ ସୁନ୍ଦରୀ ଜିଲିଣ୍ଡା ରେଞ୍ଜ କଟରଙ୍ଗ ରିଜର୍ଭ ଜଙ୍ଗଲରେ ଥିବା ଜଣାପଡ଼ିଛି। ବନ ବିଭାଗର ତିନୋଟି ଟିମ୍ ଏହାକୁ ମନିଟରିଂ କରିବା ସହ ରେଡିଓ କୋଲାର ମାଧ୍ୟମରେ ସେମାନଙ୍କ ଗତିବିଧି ଲକ୍ଷ୍ୟ କରୁଛନ୍ତି। ମଙ୍ଗଳବାର ଓ ବୁଧବାର ବାଘୁଣୀ କଟରଙ୍ଗ ଗାଁ ନିକଟରେ ଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ସେମାନେ ଠେଙ୍ଗାବାଡ଼ି ଧରି ଜଗି ବସିଥିଲେ। ଏହାଛଡ଼ା ଉକ୍ତ ବାଘୁଣୀ ଜଣେ ୱାଚରଙ୍କୁ ଆକ୍ରମଣ କରିବା ପରେ ଗ୍ରାମବାସୀ ଅଧିକ ଭୟଭୀତ ହୋଇପଡ଼ିଥିଲେ। ଏହାକୁ ନଜରରେ ରଖି ବନ ବିଭାଗ କର୍ମଚାରୀମାନେ ଆହୁରି ସଜାଗ ହୋଇଯାଇଛନ୍ତି। ବାଘ ନୂଆଖେତା ରିଜର୍ଭ ଜଙ୍ଗଲ ମଧ୍ୟରେ ଥିବାରୁ ବନ ବିଭାଗ କର୍ମଚାରୀମାନେ ନୂଆଖେତା କାଣିଘାଇ ପ୍ରୋଜେକ୍ଟ ନିକଟରେ ଜଗି ରହିଛନ୍ତି। ଉକ୍ତ ଗ୍ରାମର ସୁଧୀର ନାଏକ ନିଖୋଜ ଛେଳି ଖୋଜିବା ପାଇଁ ଅପରାହ୍ନରେ ଯାଉଥିବା ବେଳେ କର୍ମଚାରୀମାନେ ଭିତରକୁ ଯିବାକୁ ତାଙ୍କୁ ବାରଣ କରିଥିଲେ। ସେହିପରି ତିନି ଦିନ ପୂର୍ବରୁ ରସଣ୍ଡା ଜଙ୍ଗଲ ନିକଟରେ ସାତକୋଶିଆର ପୁରୁଣା ବାଘୁଣୀ ସହିତ ସୁନ୍ଦରୀର ମୁହାଁମୁହିଁ ହୋଇଥିଲା। ଏହି ସମୟରେ ପୁରୁଣା ବାଘୁଣୀ ନିଜ ଏରିଆ ଭିତରକୁ ସୁନ୍ଦରୀକୁ ପୂରାଇ ଦେଇ ନ ଥିଲା। ଏବେ ଜଙ୍ଗଲରେ ବୁଲୁଥିବା ବାଘ ଓ ସୁନ୍ଦରୀ ମଧ୍ୟରେ ୩୦ କିଲୋମିଟର ଦୂରତ୍ୱ ରହିଛି। ଉଭୟ ନିଜ ଏରିଆ ନିର୍ମାଣ କରୁଥିବା ଜଣା ପଡ଼ିଛି। ଗୁରୁବାର ସକାଳେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ବନ୍ୟପ୍ରାଣୀ ତଥା ଜାତୀୟ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଡ. ଅନୁପ ନାୟକ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ବନ୍ୟପ୍ରାଣୀ ଡ. ସନ୍ଦୀପ କୁମାର ତ୍ରିପାଠୀ, ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ପ୍ରମୁଖ ସାତକୋଶିଆ ଅଭ୍ୟାୟାରଣ୍ୟର ରାଇଗୁଡା, ରସଣ୍ଡା, କଟରଙ୍ଗ, ନୂଆଖେତା ଜଙ୍ଗଲରେ ବାଘ, ବାଘୁଣୀର ଗତିବିଧି ଉପରେ ନଜର ରଖିବା ସହିତ ବିଭିନ୍ନ ସମସ୍ୟା ଅନୁଭବ କରିଥିଲେ। ଏନ୍‌ଟିସିଏ ତରଫରୁ ଦିଆଯାଉଥିବା ଅନୁଦାନ ଓ କାର୍ଯ୍ୟ, ଗ୍ରାମବାସୀମାନଙ୍କ ସହିତ ସୁ ସମ୍ପର୍କ ସ୍ଥାପନ ଏବଂ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହିତ ଏହାର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ।

ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ବେଆଇନ ପଥର ଖାଦାନରେ ଚଢ଼ାଉ



ଢେଙ୍କାନାଳ ଅଫିସ, ୨୪।୮

ଢେଙ୍କାନାଳ ଜିଲା ଗଁଦିଆ ଥାନା ମହୁଲଖୋଲି ଗ୍ରାମ ନିକଟରେ ଥିବା ବେଆଇନ ପଥର ଖଦାନ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ଜେସିବି, ପାୱାର ଟିଲର ଏବଂ ଏକ ବାଇକ ଜବତ ହୋଇଛି। ଖଦାନରୁ ପଥର କଟାଯାଇ ଚାଲାଣ ହେଉଥିବା ଅଭିଯୋଗ ଆସିବା ପରେ ଉପଜିଲାପାଳ ପୀତାମ୍ବର ସାମଲ, ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି, ଥାନାଧିକାରୀ ନିରୁପମା ଜେନା ପ୍ରମୁଖ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

ଢେଙ୍କାନାଳ ଅଫିସ, ୨୪।୮

ଢେଙ୍କାନାଳ ସଦର ଥାନା କପିଳାସ ରାସ୍ତାର ଡାହିମାଳ ନିକଟରେ ଶୁକ୍ରବାର ରାତି ୭ଟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେ ହେଲେ ଛଣବୋଲୁଅ ଗ୍ରାମର ସୁବାସ ଦେହୁରୀ (୨୦)। ସୁବାସ ସାଇକେଲ ଯୋଗେ ଆସୁଥିବାବେଳେ ପଛପଟୁ ଏକ ଗାଡ଼ି ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ବସ୍‌ଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ଶୋକ

ଢେଙ୍କାନାଳ ଅଫିସ, ୨୪।୮

ଲ୍ୟୁଟ୍‌ନାଣ୍ଟ ଦିଲୀପ କୁମାର ଧଳଙ୍କ ବିୟୋଗରେ ଶୁକ୍ରବାର ଢେଙ୍କାନାଳ ବସ୍‌ଷ୍ଟାଣ୍ଡ-ଅମଲାପଡ଼ା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ପୂଜା କମିଟି ସହ ଦିଲୀପଙ୍କ ଘନିଷ୍ଠ ସମ୍ପର୍କ ଥିଲା। ତାଙ୍କ ବିୟୋଗ ଅପୂରଣୀୟ କ୍ଷତି ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ସଭାପତି ଜୟନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରଦୀପ୍ତ ତ୍ରିପାଠୀ, ସ୍ନେହାଶିଷ ମାନସିଂ, ଦେବୀପ୍ରସାଦ ମିଶ୍ର, ସଞ୍ଜୀବ ତ୍ରିପାଠୀ, ପ୍ରଶାନ୍ତ କର, ଶିବାଶିଷ ମାନସିଂ, ରୁଦ୍ରନାରାୟଣ ତ୍ରିପାଠୀ, ପ୍ରବୀଣ ପଟ୍ଟନାୟକ, ବିଭୂତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ।

### ଉଦ୍ଭିଦ ବିଜ୍ଞାନ ବିଭାଗର ନୂତନ ଗୃହ ଉଦ୍‌ଘାଟିତ




ଢେଙ୍କାନାଳ ଅଫିସ, ୨୪।୮

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଧରଣୀଧର ରଣା, ଡ. ଏ.କେ. ଖୁଣ୍ଟିଆ, ଡ. ଦେବରାଜ ପରିଡ଼ା, ପ୍ରଦୀପ ଜେନା, ଆରାଧନା ଗୁହାଚାର୍ଯ୍ୟ, ଲିଜାଲିନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁମାର ଅଭିଷେକଙ୍କୁ ମିଷ୍ଟର ଫ୍ରେଶର ଏବଂ ରାଧିକା ବିନାୟିଙ୍କୁ ମିସ୍ ଫ୍ରେଶର ଭାବେ ଚୟନ କରାଯାଇଛି। ସେହିପରି ଡିଗ୍ରୀ ବିଭାଗରୁ ଦେବାଶିଷ, ମୋନାଲିସା ଯଥାକ୍ରମେ ମିଷ୍ଟର ଏବଂ ମିସ୍ ଫ୍ରେଶର ମାନ୍ୟତା ପାଇଛନ୍ତି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ୩୦ ପ୍ରକଳ୍ପ ପ୍ରଦର୍ଶିତ

ଢେଙ୍କାନାଳ ଅଫିସ ,୨୪।୮

ଓଡ଼ାପଡ଼ା ବ୍ଲକ ସିମିଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରକାଶ ମହାରଣା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ୩୪ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସହସମ୍ପାଦକ ବସନ୍ତ ସେଠୀ, କୋଷାଧକ୍ଷ ଗୌରାଙ୍ଗ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚୟନ କରାଯାଇଥିବା ପ୍ରକଳ୍ପ ଆସନ୍ତା ୧ ତାରିଖରେ ହେବାକୁ ଥିବା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ।

---

■ଖୋଲିଲା କୋଇଲା ଚୋରା ଚାଲାଣ ଗୁମର

# ପୋଲିସ ଜାଣତରେ ଚାଲିଥିଲା

ଢେଙ୍କାନାଳ ଅଫିସ, ୨୪।୮

ପୋଲିସ ଜାଣତରେ ଦୀର୍ଘ ୨୦ ବର୍ଷ ଧରି ଚାଲିଥିଲା ଚୋରା କୋଇଲା ଚାଲାଣ। ତାହା ପୁଣି ଥାନା ନିକଟରୁ ମାତ୍ର ଦେଢ କିମି ଦୂରରେ। ଏପରି ଗୁମୁର ଖୋଲିବା ପରେ ଢେଙ୍କାନାଳ ପୋଲିସର ଅକଲଗୁଡୁମ ହୋଇଛି। କୋଇଲା ଡିପୋରେ ଚଢ଼ାଉ ପରେ ଖବରଦାତା ସମ୍ମିଳନୀରେ କରି ବାହାବା ନେବାକୁ ଉଦ୍ୟମ କରୁଥିବା ଅଧିକାରୀ ଖବରଦାତାଙ୍କ ପ୍ରଶ୍ନବାଣରେ ହଡ଼ବଡ଼େଇ ଯାଇଛନ୍ତି। ଅନ୍ୟପଟେ ବଟି କାରବାରକୁ ପ୍ରଶ୍ରୟ ନ ଦେବାରୁ ଉଦ୍ଦେଶ୍ୟମୂଳକ ଭାବେ ଏପରି ଚଢ଼ାଉ କରାଯାଇଥିବା ଅଭିଯୁକ୍ତଙ୍କ ସମ୍ପର୍କୀୟ କହିବା ପରେ ଖାକିରେ ଲାଗିଛି ପ୍ରଶ୍ନର ଅଳନ୍ଧୁ। ଏହାକୁ ଏବେ କିପରି ସଫା କରାଯିବ ସେହି ଚିନ୍ତାରେ ପଡ଼ିଥିବା ଅଧିକାରୀ କଥା ଗୋଳାଇବା ଆରମ୍ଭ କରିଛନ୍ତି।

ସଦର ଥାନାଠାରୁ ଦେଢ କିମି ଦୂର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୁଇ କୋଇଲା ଡିପୋରେ ବ୍ୟାପକ ବେଆଇନ କାରବାର ହେଉଥିବା ସୂଚନା ପାଇ ପୋଲିସ ଗତ ୨୨ ତାରିଖରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୪ଟି ଟ୍ରକ୍ ସହ ୬୯ ଟନ୍ କୋଇଲା ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ସମଲ ଅଞ୍ଚଳର ଈଶ୍ୱର ଚନ୍ଦ୍ର ସାହୁ (୪୮), ମହାବିରୋଡ ଫାଣ୍ଡି ତୋରଡାନାଳି ଅଞ୍ଚଳର ପାଣ୍ଡବ ରଣା, ରେଙ୍ଗାଳି ଥାନା ପୋତଗଡା ନୂଆସାହି ଅଞ୍ଚଳର ସୁନୀଲ କୁମାର ପଟ୍ଟନାୟକ, ଦୀପକ କୋଇଲା ଡିପୋର ଦୀପକ କୁମାର ଶାହାଙ୍କୁ ପୋଲିସ ଗିରଫ କରିଛି। ୯ ଅଭିଯୁକ୍ତ ଫେରାର ଅଛନ୍ତି। ଶୁକ୍ରବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶେଖ ଅବଦୁଲ କରିମ୍, ଥାନାଧିକାରୀ ମଳୟ ନାୟକ ପ୍ରମୁଖ ଉପସ୍ଥିତ ରହି ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଦୀର୍ଘ ୨୦ବର୍ଷ ଧରି କୋଇଲା ଅପମିଶ୍ରଣ ଓ ଚୋରାଚାଲାଣ ହେଉଥିବାବେଳେ ଏହା ପୋଲିସ କିପରି ଜାଣି ନ ଥିବା ବୋଲି ଖବରଦାତାମାନେ ଏସ୍‌ଡିପିଓଙ୍କୁ ପ୍ରଶ୍ନ ପଚାରିଥିଲେ। ଏସ୍‌ଡିପିଓ କହିଥିଲେ, ପୁରୁଣା କଥାକୁ ଘାଣ୍ଟିଲେ କିଛି ଲାଭନାହିଁ। ଆମେ ଆଗକୁ ଯିବା। ଅଞ୍ଚଳରେ ଥିବା ସମସ୍ତ କୋଇଲା ଡିପୋରେ ବ୍ୟାପକ ଚଢ଼ାଉ କରାଯିବ ବୋଲି କହି ସେ ମୁଖ୍ୟ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଅପାରଗତା ପଦାରେ ପଡ଼ିବା ପରେ ଥାନାଧିକାରୀ ମଧ ସମାନ କଥା ଦୋହରାଇଥିଲେ। ସେ କହିଥିଲେ ଯେ, ତାଙ୍କ ପୂର୍ବରୁ କିଏ କ'ଣ କରୁଥିଲେ ସେ କହିପାରିବି ନାହିଁ। ତାଙ୍କ ନଜରକୁ ଆସିବା ପରେ ଚଢ଼ାଉ କରାଯାଇଛି। ଏପରି କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖଣି ବିଭାଗ କାହିଁକି ଧରୁନାହିଁ, ଆମେ ସେହି କାମ କରିପାରିବୁ ନାହିଁ ବୋଲି ଥାନାଧିକାରୀ ସଫେଇ ଦେଇଥିଲେ। ଆଇନଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ଦୁଇ ଅଧିକାରୀଙ୍କ ଏପରି ମନ୍ତବ୍ୟ ପରେ ପୋଲିସର କାର୍ଯ୍ୟକଳାପ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ୨୩ ତାରିଖରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଥିବାବେଳେ ଶୁକ୍ରବାର ତରବରିଆ ଭାବେ ଖବରଦାତା ସମ୍ମିଳନୀ କରିବା ପଛର ଉଦ୍ଦେଶ୍ୟ ଆଲୋଚନାର ବିଷୟ ହୋଇଛି।



ପଞ୍ଚୁପଟିଠାରେ ଥିବା କୋଇଲା ଡିପୋ।

■ପୁରୁଣା କଥା ଘାଣ୍ଟିଲେ ଲାଭନାହିଁ: ଏସ୍‌ଡିପିଓ

■କଥା ଗୋଳାଇଲେ ସଦର ଥାନାଧିକାରୀ

### 'ବଟି ନ ଦେବାରୁ ଚଢ଼ାଉ ହୋଇଛି'

କୋଇଲା ଡିପୋରେ ପୋଲିସ ଚଢ଼ାଉ ପରେ ମୁହଁ ଖୋଲିଛନ୍ତି ପଞ୍ଚୁପଟିସ୍ଥିତ ଦୀପକ କୋଇଲା ଡିପୋର କର୍ମଚାରୀ ତଥା ମାଲିକଙ୍କ ସମ୍ପର୍କୀୟ ଓମ୍ ପ୍ରକାଶ ଶାହା। ସେ କହିଛନ୍ତି, ଡିପୋ ପାଇଁ ଲାଇସେନ୍ସ ବୈଧ ରହିଛି। ତାଳଚେର ଭରତପୁରରୁ କୋଇଲା ଆଣିବା ପାଇଁ ଟ୍ରାଞ୍ଜିଟ୍ ପାସ୍ ମଧ ମିଳିଛି। ଡିପୋରେ କୌଣସି ବେଆଇନ କାର୍ଯ୍ୟ କିମ୍ବା କୋଇଲା ଚୋରାଚାଲାଣ ହେଉନାହିଁ। ଚଢ଼ାଉର ଦୁଇଦିନ ପୂର୍ବରୁ ପୋଲିସ ୨ଲକ୍ଷ ଟଙ୍କା ବଟି ମାଗିଥିଲେ। ମନା କରିବାରୁ ରାତିରେ ବିନା ନୋଟିସରେ ଚଢ଼ାଉ କରାଯାଇଛି। ଖାଲି ଟ୍ରକ୍‌ରେ କୋଇଲା ବୋଝେଇ କରି ପୋଲିସ କର୍ମଚାରୀ ଜବତ ଦର୍ଶାଇଛନ୍ତି। ଗିରଫଙ୍କ ମଧରେ ଇଞ୍ଜିନିୟର ଭାଇ ମଧ ଅଛନ୍ତି। ଝାରଗାଡିଆ ଫାଣ୍ଡି ନିକଟରେ ବେଆଇନ କୋଇଲା ଡିପୋରେ କେଉଁ ସ୍ୱାର୍ଥରେ ଚଢ଼ାଉ ହେଉନାହିଁ ବୋଲି ପ୍ରଶ୍ନକରି ଓମ୍‌ପ୍ରକାଶ ପୋଲିସକୁ ଅକଳରେ ପକାଇଛନ୍ତି। ତେବେ ଅଭିଯୋଗକୁ ଥାନାଧିକାରୀ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଯଦି ଅଭିଯୁକ୍ତମାନେ ଘଟଣାରେ ସମ୍ପୃକ୍ତ ନାହାନ୍ତି, ତା'ହେଲେ ଫେରାର କାହିଁକି ଅଛନ୍ତି। ଏଣିକି ଡିପୋରେ ବ୍ୟାପକ ଚଢ଼ାଉ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

---

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



→ @ ପ୍ରତାପ



→ @ ରୂପସ୍ମିତା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

---

# ଜିଓ ଟ୍ୟାଗିଂ ସଂଘର ନୂତନ କର୍ମକର୍ତ୍ତା

ପରଜଙ୍ଗ/ଭୁବନ, ୨୪।୮ (ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ଜିଓ ଟ୍ୟାଗିଂ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୌଭାଗ୍ୟ ନାଏକ, ଉପସଭାପତି ଅଭୟ ବିଶ୍ୱାଳ, ସମ୍ପାଦକ ରାମଚନ୍ଦ୍ର ନାଏକ, ସହ ସମ୍ପାଦକ ଉଦୟ ସାହୁ, କୋଷାଧକ୍ଷ ସନ୍ଦୀପ ଜେନା ମନୋନୀତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କୁ ସହାୟତା କରିବାକୁ ପ୍ରତି ପଞ୍ଚାୟତରେ ଜିଓ ଟ୍ୟାଗ୍ ସଂଘର କର୍ମକର୍ତ୍ତା ନିୟୋଜିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଦରମା ମିଳୁଛି। ପ୍ରତି ୨ ମାସରେ ଆନୁଷଙ୍ଗିକ ଖର୍ଚ୍ଚ ଦିଆଯାଉଛି। ସେମାନଙ୍କୁ ଅନ୍ୟ ସରକାରୀ ଯୋଜନାରେ ନିୟୋଜିତ କରିବା, ମାସିକ ଆନୁଷଙ୍ଗିକ ଖର୍ଚ୍ଚ ଯୋଗାଇଦେବା, ଜିଓ ଟ୍ୟାଗ୍ ୟୁଥ ପରିବର୍ତ୍ତେ ନୂତନ ପଦବୀ ପ୍ରଚଳନ କରିବା, ନେଟ୍ ପ୍ୟାକ୍ ସୁବିଧା ଯୋଗାଇଦେବାକୁ ସଂଘ ପକ୍ଷରୁ ଦାବି କରାଯାଉଛି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିକଟରେ ଉପରୋକ୍ତ ଦାବିଗୁଡ଼ିକ ଉପସ୍ଥାପନ କରାଯିବ ବୋଲି କାମାକ୍ଷାନଗର ସଂଘ ସଭାପତି ଅତିଶ କୁମାର ବେହେରା କହିଛନ୍ତି।

ସେହିପରି ଭୁବନ ଜିଓ ଟ୍ୟାଗିଂ ୟୁଥ୍ ଆସୋସିଏଶନର ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ ବୁଦ୍ଧେଶ୍ୱର ଶୈବପୀଠରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସ୍ମୃତିସୁନ୍ଦର ରାଉତ, ଉପସଭାପତି ପ୍ରମୋଦିନୀ ମଲ୍ଲିକ, ସମ୍ପାଦକ ପ୍ରଣବ ଶତପଥୀ, କୋଷାଧକ୍ଷ ଭାବେ ଦୁଃଖବନ୍ଧୁ ନାୟକ ମନୋନୀତ ହୋଇଛନ୍ତି। କାମାକ୍ଷାନଗର ଉପଖଣ୍ଡର ବ୍ରଜ ପ୍ରସାଦ ମହାଳିକ, ଦିଗମ୍ବର ନାୟକ, ପ୍ରତାପ ଚନ୍ଦ୍ର ରାଉତ ଏବଂ ହୃଷୀକେଶ ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଅଞ୍ଚଳର ବିକାଶରେ ସଂଘ ସଦସ୍ୟ କାମ କରିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି।




ବୈଠକରେ ଉପସ୍ଥିତ ପରଜଙ୍ଗ ବ୍ଲକ ସଂଘର କର୍ମକର୍ତ୍ତାମାନେ।

### ନବାଗତଙ୍କୁ ସ୍ୱାଗତ

ପରଜଙ୍ଗ, ୨୪।୮ (ଡି.ଏନ.ଏ.)

ପରଜଙ୍ଗ କଲେଜ ରାଜନୀତି ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଇତିହାସ ବିଭାଗ ପ୍ରାଧ୍ୟାପକ ମଦନାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ନିହାର ରଞ୍ଜନ ସାହୁ, ସୁରେନ୍ଦ୍ର ସାହୁ ଉପସ୍ଥିତ ରହି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ଶୁଚିସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଓଡ଼ିଆ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ବିଭାଗୀୟ ମୁଖ୍ୟ ପ୍ରସନ୍ନ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅଧକ୍ଷ ଡ. ସୁନୀଲ କୁମାର ରଥ, ଅଧ୍ୟାପକ ପ୍ରବୋଧ ରଥ, ଅଞ୍ଜନ ମହାରଣା, ଅଧ୍ୟାପିକା ଦେବୀକୃପା ଦଳବେହେରା, ପ୍ରାଚୀପ୍ରଭା ସେଣ୍ଠ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ବିଷାକ୍ତ କୋଳି ଖାଇ ଦୁଇ ଛାତ୍ରୀ ଗୁରୁତର

ଢେଙ୍କାନାଳ ଅଫିସ, ୨୪।୮

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପ୍ରସାଦ ସରସ୍ୱତୀ ଶିଶୁମନ୍ଦିରର ଦୁଇଜଣ ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁକ୍ରବାର ବିଷାକ୍ତ କୋଳି ଖାଇ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ସେମାନେ ହେଲେ ବଳରାମପ୍ରସାଦ ଅଞ୍ଚଳର ଶୁଭଶ୍ରୀ ଜେନା(୧୩) ଏବଂ ଆର୍ତ୍ତସାନ୍ତରାକାଟେଣୀର ରୋଶନା ସାହୁ (୧୩)। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖାଇବା ଛୁଟି ସମୟରେ ଉଭୟେ ନିକଟରେ ଥିବା ଏକ ଗଛରୁ ବିଷାକ୍ତ କୋଳି ଖାଇଦେଇଥିବା ଜଣାପଡ଼ିଛି। ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

---

■ ସିନର୍ଜିରେ ରାଜ୍ୟ ଓପନ, ବାଳିକା ଚେସ୍ ଆରମ୍ଭ

# ଅଂଶଗ୍ରହଣ କଲେ ୧୦୩ ପ୍ରତିଯୋଗୀ




ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୨୪।୮

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୯ବର୍ଷରୁ କମ୍ ରାଜ୍ୟ ଓପନ ଏବଂ ବାଳିକା ଚେସ୍ ଚାମ୍ପିୟନଶିପ୍। କଲେଜ ଅଧକ୍ଷା ଡ. ଇତିଶ୍ରୀ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ରାଜନାରାୟଣ ତ୍ରିପାଠୀ, ଆସୋସିଏଶନର ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ, ସମ୍ପାଦକ ଦେବବ୍ରତ ଭଞ୍ଜ, ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ଚେସ୍ ଆସୋସିଏଶନ, ସିନର୍ଜି ଇଞ୍ଜିନିୟରିଂ କଲେଜର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅନୁଗୋଳ, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଜପତି, ଯାଜପୁର, ଖୋର୍ଦ୍ଧା, କେନ୍ଦ୍ରାପଡା, ପୁରୀ, ସୁନ୍ଦରଗଡ ଜିଲାରୁ ୧୦୩ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ଓପନ ବିଭାଗରେ ୧୨ଜଣ ରେଟେଡ୍ ଖେଳାଳିଙ୍କ ସହ ୬୪ ଏବଂ ବାଳିକା ବିଭାଗରେ ୫ଜଣ ରେଟେଡ୍ ଖେଳାଳିଙ୍କ ସହ ୩୯ ପ୍ରତିଯୋଗୀ ଅଛନ୍ତି। ପ୍ରତିଯୋଗିତା ୭ ରାଉଣ୍ଡ ବିଶିଷ୍ଟ ହେବ। ସଭ୍ୟ ସୁଶାନ୍ତ ଦାସ, ହୃଦୟାନନ୍ଦ ମହାନ୍ତି, କୁମାର ମହାନ୍ତି, ଅଶୋକ ଦାସ, ସୁରେଶ ସାହୁ, ଭବେଶ ମହାନ୍ତି, ସନ୍ତୋଷ ମହାପାତ୍ର, ସଂଯୋଜିକା ସାଗରିକା ମିଶ୍ର ଏହାର ପରିଚାଳନା କରୁଛନ୍ତି।

---

■ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତା

# ଓଡ଼ିଶାର 'ହୋପ୍' ଶ୍ରେଷ୍ଠ

କାମାକ୍ଷାନଗର, ୨୪।୮ (ଡି.ଏନ.ଏ.)

ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ନାଟକ 'ହୋପ୍' (ହେଲଥ୍ ଆୱାର ପ୍ଲାନେଟ ଆର୍ଥ)କୁ ମିଳିଛି ସର୍ବଶ୍ରେଷ୍ଠ ମାନ୍ୟତା। କେବଳ ଏତିକି ନୁହେଁ, ନାଟକ ହାତେଇଛି ଶ୍ରେଷ୍ଠ ନିର୍ଦ୍ଦେଶନା ଏବଂ କଳାକାର ପୁରସ୍କାର। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଆକର୍ଷଣୀୟ ଅଭିନୟରେ ସ୍ତବ୍ଧ ହୋଇଯାଇଥିଲା କଲିକତାର ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍। ଦର୍ଶକଙ୍କ କରତାଳିରେ ପ୍ରେକ୍ଷାଳୟ ପରିସର ପ୍ରକମ୍ପିତ ହେଉଥିବାବେଳେ ନାଟକକୁ ଭୂରି ଭୂରି ପ୍ରଶଂସା କରିଥିଲେ ଜୁରି ସଦସ୍ୟ।

ବିକାଶ ପଛରେ ଧାଇଁଛି ମନୁଷ୍ୟ। ମଣିଷର ଅବଦମିତ ଇଚ୍ଛା ପ୍ରକୃତିକୁ ଦଳିମକଚି ଧ୍ୱଂସସ୍ତୂପରେ ପରିଣତ କରିସାରିଲାଣି। ନିଜେ ଖୋଳୁଥିବା ଗାତରେ ବିଲୀନ ହେବାକୁ ବସିଛି ମାନବ ସଭ୍ୟତା। ପରିବେଶ, ପାଣି, ମାଟି ସବୁ ପ୍ରଦୂଷିତ। ଖୋଜାପଡ଼ିଲାଣି ବିଶୁଦ୍ଧ ବାୟୁ। ଅବସର ସମୟରେ ମନଭରି ଉପଭୋଗ କରିବାକୁ ମିଳୁନି ସବୁଜ ପରିବେଶ। ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ସବୁଜ ଗ୍ରହକୁ ଏପରି ବିପତ୍ତିରୁ କେବଳ ବିଜ୍ଞାନ ରକ୍ଷା କରିପାରିବ। ଏହା ହିଁ ଥିଲା ନାଟକ 'ହୋପ୍'ର ପ୍ରମୁଖ ବିଷୟବସ୍ତୁ, ଯାହାକୁ କୁନି କଳାକାରମାନେ ନିଖୁଣ ଢଙ୍ଗରେ ମଞ୍ଚରେ ଉପସ୍ଥାପନ କରିଥିଲେ।

ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ସିକିମ, ଆସାମ ରାଜ୍ୟ ଭାଗ ନେଇଥିବାବେଳେ ବାଜି ମାରିଥିଲା ଓଡ଼ିଶା। ଦୀନେଶ ଦାସଙ୍କ ରଚନା ସାଙ୍ଗକୁ ବଳିଷ୍ଠ ନିର୍ଦ୍ଦେଶନା ନାଟକକୁ ଜାତୀୟସ୍ତରରେ ପହଞ୍ଚାଇପାରିଛି। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ତାଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଶ୍ରେଷ୍ଠ ଅଭିନୟ ପାଇଁ ପୁରସ୍କୃତ ହୋଇଛନ୍ତି ଛାତ୍ରୀ ବିଜୟଲକ୍ଷ୍ମୀ ବିଶ୍ୱାଳ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଜାପ୍ତା ସାହୁ, ମନସ୍ୱିନୀ ବେହେରା, ସୋନାଲିସା ସାହୁ, ଛାତ୍ର ଦୀପକ କୁମାର ସାହୁ, କାହ୍ନା ଡାକୁଆ, ସ୍ୱୟଂ ଶୁଭମ ନନ୍ଦ, ସମୀର ମହାପାତ୍ର ନାଟକରେ ଅଭିନୟ କରିଥିଲେ। ବିଜ୍ଞାନ ଶିକ୍ଷକ ଡ. ଚନ୍ଦ୍ରମଣି ଲେଙ୍କା, ଶିକ୍ଷୟିତ୍ରୀ ରଶ୍ମିପ୍ରଭା ମହାପାତ୍ର, ରବି ନାରାୟଣ ରାଉତ ପ୍ରମୁଖ ଦଳରେ ସାମିଲ ହୋଇଥିଲେ। ଆସନ୍ତା ଜାନୁୟାରୀରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ 'ହୋପ୍' ପୂର୍ବଭାରତକୁ ପ୍ରତିନିଧିତ୍ୱ କରିବ। ଏଥିପୂର୍ବରୁ ଏହି ନାଟକ ଜିଲା, ଜୋନ୍ ଏବଂ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଗତବର୍ଷ ହୋଇଥିବା ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ମଧ ପଞ୍ଚାୟତିରାଜ ହାଇସ୍କୁଲ ପକ୍ଷରୁ ପ୍ରଦର୍ଶିତ ନାଟକ ଦଳଗତ ଚାମ୍ପିୟନ ହୋଇଥିଲା। ଏହି ସଫଳତା ପାଇଁ ଡିଇଓ ସୁଧାନନ୍ଦ ପରିଡା, ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ ସାହୁ, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସରୋଜ ସ୍ୱାଇଁ, ବିଇଓ ଅଜୟ ପାତ୍ର ପ୍ରମୁଖ କଳାକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



■ଚମକ ଦେଖାଇଲେ ପଞ୍ଚାୟତିରାଜ ହାଇସ୍କୁଲର କଳାକାର

■ସର୍ବଭାରତୀୟସ୍ତରରେ ପୂର୍ବଭାରତକୁ ପ୍ରତିନିଧିତ୍ୱ କରିବେ

■ଦୀନେଶ ଦାସ ଶ୍ରେଷ୍ଠ ନିର୍ଦ୍ଦେଶକ, ବିଜୟଲକ୍ଷ୍ମୀ ଶ୍ରେଷ୍ଠ କଳାକାର

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଶନିବାର, ଅଗଷ୍ଟ ୨୫ /୨୦୧୮ Dhenkanal-Angul, Saturday, August 25 / 2018

■ ୨ବର୍ଷ ପୂର୍ବେ ସନ୍ଦେହଜନକ ଅବସ୍ଥାରେ ହୋଇଥିଲା ମୃତ୍ୟୁ

# ଜଙ୍ଗଲରୁ ଶିଶୁକନ୍ୟାର କଙ୍କାଳ ଉଦ୍ଧାର

**ପରଜଙ୍ଗ, ୨୪।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ଅନ୍ଧାରି ଗ୍ରାମ ନିକଟ ଧୋଡ଼ାଖାଲ ଜଙ୍ଗଲରୁ ଶୁକ୍ରବାର ଜଣେ ଶିଶୁକନ୍ୟାର କଙ୍କାଳ ଉଦ୍ଧାର କରାଯାଇଛି। ଉକ୍ତ କଙ୍କାଳକୁ ଫୋରେନ୍‌ସିକ୍ ପରୀକ୍ଷା ପାଇଁ କଟକ ପଠାଯାଇଛି।

ସୂଚନାଯୋଗ୍ୟ, ୨୦୧୬ ମାର୍ଚ୍ଚ ୧୨ରେ କେନ୍ଦୁଝର ଜିଲା ତେଲକୋଇ ଥାନା ଭାଲୁଦରି ଗ୍ରାମର ସନାତନ ଜୁଆଙ୍ଗ ନିଜ ପରିବାର ସହ ବିବାହ ଭୋଜିରେ ଯୋଗଦେବାକୁ ଅନ୍ଧାରି ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ୧୩ ତାରିଖରେ ତାଙ୍କ ୫ବର୍ଷର ଝିଅ ସୁକାନ୍ତି ନିଖୋଜ ହୋଇଯାଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ତେବେ ୧୪ ତାରିଖରେ ରହସ୍ୟଜନକ ଭାବେ ଶ୍ୱଶୁର ଘର ବାଡ଼ି ପଛପଟେ ପାଇଖାନା ପାଇଁ



ଶିଶୁକନ୍ୟାର କଙ୍କାଳ।

ଖୋଳାଯାଇଥିବା ଗାତରୁ ସୁକାନ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସନ୍ଦେହଜନକ ଅବସ୍ଥାରେ ଶିଶୁଙ୍କ ମୃତ୍ୟୁ ହୋଇଥିବା ସତ୍ତ୍ୱେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ମୃତଦେହ ବ୍ୟବଚ୍ଛେଦ କରାଯିବା ପରିବର୍ତ୍ତେ ଜଙ୍ଗଲରେ ପୋତି ଦିଆଯାଇଥିଲା। ଏହି ଘଟଣାକୁ ନେଇ ତେଲକୋଇ ଆଞ୍ଚଳର ଜଣେ ଆଇନଜୀବୀ ଓଏଚ୍ଆର୍‌ସିରେ ପିଟିଶନ ଦାଖଲ କରିଥିଲେ। ତତ୍କାଳୀନ ଥାନାଧିକାରୀଙ୍କ ରିପୋର୍ଟକ୍ରମେ ପରଜଙ୍ଗ ଥାନାରେ ୨୦୧୭ ଡିସେମ୍ବର ୧୨ରେ ମାମଲା (ନଂ. ୩୦/୧୭) ରୁଜୁ କରାଯାଇଥିଲା। ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା। ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ତଦନ୍ତରେ କୌଣସି ଅଗ୍ରଗତି ନ ହେବାରୁ ୨୦୧୮ ଅଗଷ୍ଟ ୨୧ରେ ଏବେକାର ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ ସବ୍‌ଇନ୍ସପେକ୍ଟର ଅକ୍ଷୟ ସାହୁଙ୍କୁ ତଦନ୍ତ ଭାର ଅର୍ପଣ କରିଥିଲେ। ଶୁକ୍ରବାର ତଦନ୍ତକାରୀ ଅଧିକାରୀଙ୍କ ନେତୃତ୍ୱରେ ମାଜିଷ୍ଟ୍ରେଟ୍ ଭାବେ କଙ୍କଡ଼ାହାଡ଼ ଅତିରିକ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତ, ସାଇଣ୍ଟିଫିକ୍ ଟିମ୍ ସଦଳବଳ ଜଙ୍ଗଲରେ ପୋତାଯାଇଥିବା ସ୍ଥାନରୁ ଶିଶୁର କଙ୍କାଳ ବାହାର କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**କାମାକ୍ଷାନଗର, ୨୪।୮(ଡି.ଏନ.ଏ.)**

କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୪ନଂ. କଲୋନୀ ନିକଟରେ ଶୁକ୍ରବାର ଅପରାହ୍ଣରେ ଦୁର୍ଘଟଣା ଘଟିଛି। ଏଥିରେ ଝାଞ୍ଜିରବେରେଣା ଗ୍ରାମର ସମୀର ମୁଣ୍ଡା (୨୬) ଗୁରୁତର ହୋଇଛନ୍ତି। ସମୀର ଏକ ବାଇକ୍‌ରେ ଆସୁଥିବା ବେଳେ କଣ୍ଟାପାଳ ଗ୍ରାମର ସନାତନ ମୁଣ୍ଡାଙ୍କ ସାଇକେଲ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅଗ୍ନିଶମ କର୍ମଚାରୀ ଉଭୟଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ସମୀରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଅଭିଯୁକ୍ତ ସ୍ୱାମୀଙ୍କୁ ୭ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୨୪।୮**

**ରଜନୀ ମୃତ୍ୟୁ ମାମଲା**

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଉଆସଡ଼ିହ ଗ୍ରାମର ରଜନୀ ସାହୁ ମୃତ୍ୟୁ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ତାରାପ୍ରସାଦ ରଥ ଅଭିଯୁକ୍ତ ସ୍ୱାମୀ ଟୁକୁନା ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ମାମଲା ପରିଚାଳନା କରିଥିଲେ।

ଉଆସଡ଼ିହ ଗ୍ରାମର ଟୁକୁନା କଣ୍ଟାବଣିଆ ଥାନାର ମୁରଲୀଧର ସାହୁଙ୍କ ଭଉଣୀ ରଜନୀଙ୍କୁ ୨୦୧୨ ମାର୍ଚ୍ଚ ୧୨ରେ ବିବାହ କରିଥିଲେ। ବିବାହ ସମୟରେ ପରିବାର ପକ୍ଷରୁ ନଗଦ ୮୦ହଜାର ଟଙ୍କା ସହ ସୁନାଗହଣା ସମେତ ଅନ୍ୟ ଆସବାବପତ୍ର ପ୍ରଦାନ କରାଯାଇଥିଲା। ହେଲେ ବିବାହର ୧୫ଦିନ ପରେ ଶାଶୁଘର ଲୋକେ ଅଧିକ ୨ଲକ୍ଷ ଟଙ୍କା ଦାବିକରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ରଜନୀ ଏ ସମ୍ପର୍କରେ ଭାଇଙ୍କୁ କହିବା ପରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ୨୦୧୫ ଅଗଷ୍ଟ ୨୦ରେ ପରିବାର ପକ୍ଷରୁ ପୁଣିଥରେ ୫୦ ହଜାର ଟଙ୍କା ଦିଆଯାଇଥିଲା। ତଥାପି ନିର୍ଯାତନା କମି ନ ଥିଲା। ରଜନୀ ବାପଘରକୁ ପଳାଇ ଆସିଥିଲେ। ଭାଇମାନେ ବୁଝାଶୁଝା କରି ତାଙ୍କୁ ପୁନର୍ବାର ସ୍ୱାମୀଙ୍କ ପାଖରେ ଛାଡ଼ିଥିଲେ। ୨୦୧୬ ଜୁନ୍ ୧୬ରେ ରଜନୀ କଟକ ଜିଲା ଆଠଗଡ଼ ଡାକ୍ତରଖାନାରେ ପ୍ରାଣ ହରାଇଥିବା ସୂଚନା ପାଇ ପରିବାର ଲୋକେ ପହଞ୍ଚିଥିଲେ। ଯୌତୁକ ପାଇଁ ଶାଶୁଘର ଲୋକେ ଭଉଣୀଙ୍କୁ ହତ୍ୟା କରିଥିବା ନେଇ ମୁରଲୀଧର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୨୭୪/୧୬ରେ ମାମଲା ରୁଜୁ କରାଯାଇଥିଲା। ଟୁକୁନା ଗିରଫ ପରେ କୋର୍ଟ ଚାଲାଣ ହୋଇଥିଲେ। ମାମଲାର ସିଟି ସେସନ୍ସ କେସ୍ ନଂ. ୧୫୮/୧୬ର ବିଚାର କରି ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି।






# ବ୍ୟାଙ୍କ ଆଗରୁ ୭ଲକ୍ଷ ଲୁଟ୍ ଚର୍ଚ୍ଚା

**ଢେଙ୍କାନାଳ ଅଫିସ, ୨୪।୮**

**ଅଭିଯୋଗ ହୋଇ ନ ଥିବାରୁ ବଢ଼ୁଛି ରହସ୍ୟ**

ଢେଙ୍କାନାଳ ସହରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ ରାସ୍ତା ଉପରୁ ଶୁକ୍ରବାର ଅପରାହ୍ଣ ୪ଟାରେ ଜଣେ ବ୍ୟକ୍ତିଙ୍କଠାରୁ ବ୍ୟାଗ୍ ସହ ୭ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଖବର ଲେଖାଯିବା ସୁଦ୍ଧା ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରି ନ ଥିବାରୁ ରହସ୍ୟ ବଢ଼ିବାରେ ଲାଗିଛି।

କେତେଜଣ ବ୍ୟାଙ୍କ ଅଧିକାରୀଙ୍କ କହିବା ଅନୁଯାୟୀ, ଜଣେ ବ୍ୟକ୍ତି ପୁରୁଣା ଚାଲାଣ ନେଇ ୭ଲକ୍ଷ ଟଙ୍କା କ୍ୟାଶ୍ ଡିପୋଜିଟ୍ କରିବା ପାଇଁ ବିଭିନ୍ନ କାଉଣ୍ଟରରେ ପଚରାଉଚରା କରୁଥିଲେ। ଅଧିକାରୀମାନେ ତାଙ୍କୁ ଟ୍ରେଜେରିକୁ ଯାଇ ଅନ୍‌ଲାଇନରେ ଚାଲାଣ କାଟିବାକୁ ପରାମର୍ଶ ଦେଇଥିଲେ। ଏହାପରେ ସେ ଚାଲିଯାଇଥିଲେ। ଏହାର ୧୦ମିନିଟ୍ ପରେ କଳା ରଙ୍ଗର ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ଟଙ୍କା ଭର୍ତ୍ତି ବ୍ୟାଗ୍ ଝାମ୍ପି ନେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ନିକଟରେ ଥିବା ପିସିଆର ଭ୍ୟାନ ପହଞ୍ଚି ଖୋଳତାଡ଼ କରିଥିଲା। ଏ ସଂକ୍ରାନ୍ତରେ ଥାନାଧିକାରୀ ଅଭିନବ ଡାଲୁଆ କୁହନ୍ତି, ରାତି ୯ଟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଥାନାକୁ ମଧ୍ୟ କେହି ଆସିନାହାନ୍ତି। ତେଣୁ ମାମଲା ରୁଜୁ ହୋଇନାହିଁ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ